# ରାଜ୍ୟରେ ଏକ ଆଇଆଇଟି ସ୍ଥାପନ ପାଇଁ ଲୋକସଭାରେ ଖାରବେଳଙ୍କ ଦାବି

ନୂଆଦିଲ୍ଲୀ,ତା୨୭।୪(ନି.ପ୍ର)—ଓଡ଼ିଶାରେ ତୁରନ୍ତ ଏକ ଆଇଆଇଟି ସ୍ଥାପନ କରିବାକୁ ବାଲେଶ୍ୱର ସାଂସଦ ତଥା ଭାରତୀୟ ଜନତା ପାର୍ଟିର ଉପମୁଖ୍ୟସଚେତକ ଖାରବେଳ ସ୍ୱାଇଁ କେନ୍ଦ୍ରସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଛନ୍ତି । ଆଜି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟର ଖର୍ଚ୍ଚ ଦାବି ଉପରେ ଲୋକସଭାରେ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ସ୍ୱାଇଁ ଦେଶର ବିଭିନ୍ନ କ୍ଷେତ୍ରରେ ଯେଭଳି ପ୍ରଗତି ଚାଲିଛି, ସେ ପରିପ୍ରେକ୍ଷୀରେ ଆମକୁ ବ୍ୟାପକ ପେସାଦାର ବିଶେଷଜ୍ଞମାନଙ୍କର ଆବଶ୍ୟକତା ରହିଥିବାରୁ ଦେଶର ବିଭିନ୍ନ କୋଣରେ ଆହୁରି ବହୁ ଆଇଆଇଟି ଖୋଲାଯିବାର ଆବଶ୍ୟକତା ରହିଥିବା ବିଷୟ ମନ୍ତ୍ରୀ ଶ୍ରୀ କପିଲ ସିବଲଙ୍କର ଦୃଷ୍ଟି ଆକର୍ଷଣ କରାଇଥିଲେ । ଏ ମଧ୍ୟରୁ ଓଡ଼ିଶାରେ ଗୋଟିଏ ଆଇଆଇଟି ପ୍ରତିଷ୍ଠା କରାଯିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିବା ବିଷୟ ସେ ସୂଚାଇଥିଲେ । ତେବେ ରାଜ୍ୟରେ ଏକ ପୂର୍ଣ୍ଣକାଳୀନ ଆଇଆଇଟି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଏବେ ଖଡ଼ଗପୁର ଆଇଆଇଟିର ଏକ ଶାଖା ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯିବା ପାଇଁ ଯେଉଁ ପ୍ରସ୍ତାବ ରହିଛି ତାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୨୦୦୮ ମସିହାରେ ଭାରତର ଜଣେ ନାଗରିକ ଚନ୍ଦ୍ରରେ ଅବତରଣ କରିବାର କାର୍ଯ୍ୟକ୍ରମର ପ୍ରଗତି ସମ୍ପର୍କରେ ଶ୍ରୀ ସ୍ୱାଇଁ ମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଥିଲେ ।

# ଜାପାନରେ ୩ଜଣଙ୍କୁ ଫାଶୀ, କ୍ଷମାସଂସ୍ଥାର ପ୍ରତିବାଦ

ଟୋକିଓ, ତା୨୭।୪ (ଏପି)— ଜାପାନରେ ଶୁକ୍ରବାର ୩ଜଣଙ୍କୁ ଫାଶୀ ଦିଆଯିବାରୁ ଆନ୍ତର୍ଜାତିକ କ୍ଷମାସଂସ୍ଥା ତୀବ୍ର ପ୍ରତିବାଦ କରିଛି । ମୃତ୍ୟୁଦଣ୍ଡକୁ ନିଷିଦ୍ଧ କରିବା ପାଇଁ ଟୋକିଓ ନୀତିଗତ ନିଷ୍ପତ୍ତି ନେବାକୁ କ୍ଷମାସଂସ୍ଥା ପକ୍ଷରୁ ଦାବି କରାଯାଇଛି ।

ଗତ ଡିସେମ୍ବରରେ ୪ଜଣ ଅପରାଧୀଙ୍କୁ ଫାଶୀ ଦିଆଯାଇଥିଲା । ଗତ ସେପ୍ଟେମ୍ବର ମାସରେ ଶିଞ୍ଜୋ ଆବେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଦ୍ୱିତୀୟ ଫାଶୀଦଣ୍ଡ । ଆଇନ ମନ୍ତ୍ରାଳୟ ପକ୍ଷରୁ ଫାଶୀ ଘଟଣାକୁ ସ୍ୱୀକାର କରାଯାଇଛି । ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ୩ଜଣଙ୍କୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା । ମାନବାଧିକାର ଉଲ୍ଲଙ୍ଘନ ପରିସରଭୁକ୍ତ ଏହି ଦଣ୍ଡାଦେଶକୁ ନିଷିଦ୍ଧ କରିବା ପାଇଁ ଆନ୍ତର୍ଜାତିକ କ୍ଷମାସଂସ୍ଥା ସରକାରଙ୍କଠାରେ ଦାବି ଉପସ୍ଥାପନ କରିଛି ।